Weather-based Agro Advisory
ICAR-Indian Institute of Water Management Bhubaneswar-751023
http://www.iiwm.res.in/

Date: 06.11.2026

Week 1 (November 6-12, 2026):

- Rain/thundershower is likely at isolated places over Odisha during week-1. Overall, rainfall activity is likely to be deficient over Odisha during week-1.
- Minimum temperature is likely to be in the range of 16-20°C over interior Odisha and 20- 22°C over coastal Odisha and adjoining districts during week-1. Minimum temperature departure is likely to be normal over most parts of Odisha during week-1.
- Moderate to high probability of cyclogenesis is likely in Andaman Sea and in near to Srilanka.

Week 2 (November 13-19, 2026):

- Weather is very likely to be dry over Odisha during week-2. Overall, rainfall activity is likely to be deficient over Odisha during week-2.
- Minimum temperature is likely to be in the range of 16-18°C over interior Odisha and 18-20°C over coastal Odisha and adjoining districts during week-2. Minimum temperature departure is likely to be normal over most parts of Odisha during week-2.

Agro-Advisory for the month of November:

- *Kharif* paddy should be maintained with adequate irrigation facility.
- Seedbed and seedlings for winter/*rabi* vegetables should be prepared with adequate manures/FYM.
- Drain excess water from paddy fields, vegetable plots and nurseries, especially in low-lying and flood-prone areas.
- Dry the harvested produce in a clean, safe and dry place under favourable weather conditions to avoid spoilage and fungal growth.
- Harvest rice when about 85% of the panicles have matured and turned pale yellow. After threshing, sun-dry the paddy to 14% moisture content for consumption and 12% for seed purposes to ensure safe storage and maintain seed viability.
- Store the dried paddy in Super Grain Bags to maintain grain quality, colour, aroma and taste during storage. Ensure separate processing, drying and packaging of different paddy varieties to prevent mixing and obtain better market prices.
- Harvest all matured crops, particularly vegetables and pulses, and store them in a safe, dry and protected place to avoid damage and post-harvest losses.
- Farmers are advised to utilise the available residual soil moisture in medium and shallow lowland areas for sowing short-duration Rabi crops such as green gram, black gram, cowpea, field pea, lentil, groundnut, toria and sunflower.

PADDY:

- It is important to maintain a water level of 2–5 cm in rice field. Ensure that low-lying fields are adequately drained to prevent the occurrence of prolonged water-logging.
- To manage Earhead caterpillar infestation, farmers are advised to monitor the crop regularly. If the pest infestation exceeds the economic threshold level, undertake suitable control measures during

clear weather conditions using locally recommended plant protection measures. As the pest is nocturnal, any recommended spray application should preferably be carried out during the evening hours for better effectiveness. Follow the approved pesticide label instructions regarding dosage, safety precautions and pre-harvest interval.

- Harvest rice when about 85% of the panicles have matured and turned pale yellow. After threshing, sun-dry the paddy to 14% moisture content for consumption and 12% for seed purposes to ensure safe storage and maintain seed viability.

PULSES

- Pre-sowing Advisory for Black gram and Green gram: Farmers are advised to select high-yielding varieties such as T-9, PU-11, PU-19 and PU-30 for black gram, and K-851, PDM-11, PDM-54 and OUM-115 for green gram. Use a seed rate of 10 kg/acre. Before sowing, treat the seeds with the recommended Rhizobium culture to promote effective nodulation and improve biological nitrogen fixation.

OKRA:

- 50-60 mm of water may be applied through furrow method as supplemental irrigation during dry spells.
- Through drip irrigation, 3 mm water may be applied in daily basis during dry spell.
- Adequate drainage system should be provided in okra across the slope of the fields.
- To manage aphids, jassids, thrips and whiteflies, spray neem-based pesticide (Neem oil 1500 ppm Azadirachtin) @ 600 ml/acre mixed in 200 litres of water or install 8–10 yellow sticky traps per acre. In case of severe infestation, spray Thiamethoxam 25% WG @ 40 g/acre, Acetamiprid 20% SP @ 50 g/acre, Fenobucarb @ 400 ml/acre or Tolfenpyrad 15% EC @ 400 ml/acre, mixed in 200 litres of water, under clear weather conditions.

BRINJAL:

- 50-60 mm of water may be applied through furrow method as supplemental irrigation during dry spells.
- Through drip irrigation, 3 mm water may be applied in daily basis during dry spell.
- Adequate drainage system should be provided in brinjal fields across slope.
- To manage wilt and root rot diseases, drench the root zone with a solution of Plantomycin @ 10 g and Metalaxyl 8% + Mancozeb 64% WP @ 20 g, or Tebuconazole @ 10 ml, mixed in 10 litres of water.

SUGARCANE:

- 50-60 mm of water may be applied under furrow method during dry spell.
- Through drip irrigation, 4 mm of water per day may be applied during dry spell.
- Adequate drainage system should be provided in sugarcane fields.
- To manage red rot disease, after the receding of rain, spray Carbendazim 12% + Mancozeb 63% WP @ 400 g/acre or Metalaxyl 8% + Mancozeb 64% WP @ 400 g/acre, mixed in 200 litres of water.

ଓଡ଼ିଶା ପାଇଁ ପାଣିପାଗର ପୂର୍ବାନୁମାନ:

ପ୍ରଥମ ସପ୍ତାହ (୬-୧୨ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ):

- ପ୍ରଥମ ସପ୍ତାହରେ ଓଡ଼ିଶାର କିଛି ସ୍ଥାନରେ ବର୍ଷା କିମ୍ବା ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ, ଏହି ସପ୍ତାହରେ ଓଡ଼ିଶାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି।
- ପ୍ରଥମ ସପ୍ତାହରେ ଓଡ଼ିଶାର ଅଭ୍ୟନ୍ତରୀଣ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୬-୨୦°C ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ତଥା ଏହାକୁ ଲାଗି ରହିଥିବା ଜିଲ୍ଲାଗୁଡ଼ିକରେ ୨୦-୨୨°C ମଧ୍ୟରେ ରହିବାର ସମ୍ଭାବନା ଅଛି। ଏହି ସମୟରେ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ସ୍ତରରେ ରହିବ ବୋଲି ଆକଳନ କରାଯାଇଛି।
- ଆଣ୍ଡାମାନ ସାଗର ଏବଂ ଶ୍ରୀଲଙ୍କା ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ବା ଚକ୍ରବାତ ସୃଷ୍ଟି ହେବାର ସମ୍ଭାବନା ମଧ୍ୟମରୁ ଅଧିକ ରହିଛି।

ଦ୍ୱିତୀୟ ସପ୍ତାହ (୧୩-୧୯ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ):

- ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ, ଏହି ସମୟରେ ଓଡ଼ିଶାରେ ବର୍ଷା ପରିମାଣ ସ୍ୱାଭାବିକ ଠାରୁ କମ୍ ରହିପାରେ।
- ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ଅଭ୍ୟନ୍ତରୀଣ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୬-୧୮°C ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ତଥା ଏହା ସଂଲଗ୍ନ ଜିଲ୍ଲାଗୁଡ଼ିକରେ ୧୮-୨୦°C ମଧ୍ୟରେ ରହିବାର ସମ୍ଭାବନା ଅଛି। ଏହି ସମୟରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ସ୍ତରରେ ରହିବ ବୋଲି ଆକଳନ କରାଯାଇଛି।

ନଭେମ୍ବର ମାସ ପାଇଁ କୃଷି-ପରାମର୍ଶ:

- ଖରିଫ ଧାନ ଚାଷରେ ଜଳସେଚନର ଉପଯୁକ୍ତ ବ୍ୟବସ୍ଥା ରହିବା ଆବଶ୍ୟକ।
- ଶୀତକାଳୀନ/ରବି ପନିପରିବା ପାଇଁ ବିହନ ତଳିଘାରି (seedbed) ପ୍ରସ୍ତୁତ କରିବା ସମୟରେ ଉପଯୁକ୍ତ ପରିମାଣର ସାର କିମ୍ବା ଗୋବର ଖତ (FYM) ବ୍ୟବହାର କରନ୍ତୁ।
- ଧାନ କ୍ଷେତ, ପନିପରିବା କ୍ଷେତ ଏବଂ ନର୍ସରୀରୁ ଅତିରିକ୍ତ ପାଣି ନିଷ୍କାସନ କରିଦିଅନ୍ତୁ; ବିଶେଷକରି ନିମ୍ନ ଭୂମି ଏବଂ ବନ୍ୟା ପ୍ରବଣ ଅଞ୍ଚଳରେ ଏହା ଅତ୍ୟନ୍ତ ଜରୁରୀ।
- ଅମଳ ହୋଇଥିବା ଫସଲକୁ ସଫା, ସୁରକ୍ଷିତ ଏବଂ ଶୁଷ୍କ ସ୍ଥାନରେ, ଅନୁକୂଳ ପାଗ ଦେଖି ଶୁଖାନ୍ତୁ, ଯାହାଦ୍ୱାରା ଫସଲ ନଷ୍ଟ ହେବ ନାହିଁ କିମ୍ବା ସେଥିରେ କବକ (fungus) ସୃଷ୍ଟି ହେବ ନାହିଁ।
- ଧାନ କେଣ୍ଡାର ପ୍ରାୟ ୮୫% ଅଂଶ ପାଚିଯାଇ ହଳଦିଆ ରଙ୍ଗ ଧାରଣ କଲେ ଧାନ ଅମଳ କରନ୍ତୁ। ଅମଳ ପରେ ଧାନକୁ ଖରାରେ ଶୁଖାନ୍ତୁ; ଖାଇବା ପାଇଁ ଧାନରେ ଆର୍ଦ୍ରତା (moisture) ପରିମାଣ ୧୪% ଏବଂ ବିହନ ପାଇଁ ୧୨% ରହିବା ଆବଶ୍ୟକ, ଯାହାଦ୍ୱାରା ଏହା ସୁରକ୍ଷିତ ଭାବେ ଗଚ୍ଛିତ ରହିପାରିବ ଏବଂ ବିହନର ଗୁଣବତ୍ତା (ଅଙ୍କୁରଣ କ୍ଷମତା) ବଜାୟ ରହିବ।
- ଶୁଖାଯାଇଥିବା ଧାନକୁ 'ସୁପର ଗ୍ରେନ୍ ବ୍ୟାଗ୍' (Super Grain Bags) ରେ ଗଚ୍ଛିତ ରଖନ୍ତୁ। ଏହା ଦ୍ୱାରା ଗଚ୍ଛିତ ଧାନର ଗୁଣବତ୍ତା, ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦ ଅକ୍ଷୁର୍ଣ୍ଣ ରହିଥାଏ। ବିଭିନ୍ନ କିସମର ଧାନକୁ ଅଲଗା ଅଲଗା ଭାବେ ପ୍ରକ୍ରିୟାକରଣ, ଶୁଖାଇବା ଏବଂ ପ୍ୟାକିଂ କରନ୍ତୁ, ଯାହାଦ୍ୱାରା ସେଗୁଡ଼ିକ ମିଶିଯିବ ନାହିଁ ଏବଂ ବଜାରରେ ଭଲ ମୂଲ୍ୟ ମିଳିପାରିବ।
- ପାଚିଯାଇଥିବା ସମସ୍ତ ଫସଲ, ବିଶେଷକରି ପନିପରିବା ଏବଂ ଡାଲି ଜାତୀୟ ଫସଲକୁ ଅମଳ କରନ୍ତୁ ଏବଂ ସେଗୁଡ଼ିକୁ ଏକ ସୁରକ୍ଷିତ ଏବଂ ଶୁଷ୍କ ସ୍ଥାନରେ ରଖନ୍ତୁ, ଯେପରି ଫସଲ ନଷ୍ଟ ନ ହୁଏ କିମ୍ବା ଅମଳ ପରବର୍ତ୍ତୀ କ୍ଷତି ନ ହୁଏ।

- ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ମଧ୍ୟମ ଏବଂ କମ୍ ଉଚ୍ଚତା ବିଶିଷ୍ଟ ନିମ୍ନ ଭୂମି ଅଞ୍ଚଳରେ ମାଟିରେ ଥିବା ଆର୍ଦ୍ରତାର ଉପଯୋଗ କରି କମ୍ ସମୟ ମଧ୍ୟରେ ଅମଳକ୍ଷମ ରବି ଫସଲ ଯେପରିକି ମୁଗ, ବିରି, ବରବଟି, ମଟର, ମସୁର, ଚିନାବାଦାମ, ତୋରିଆ ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।

ଧାନ:

- ଧାନ କ୍ଷେତରେ ପାଣିର ସ୍ତର ୨-୫ ସେମି ମଧ୍ୟରେ ରଖିବା ଜରୁରୀ ଅଟେ। ନିମ୍ନ ଭୂମି ଥିବା କ୍ଷେତଗୁଡ଼ିକରେ ଯେପରି ଦୀର୍ଘ ସମୟ ଧରି ପାଣି ଜମି ନ ରହେ, ସେଥିପାଇଁ ଉପଯୁକ୍ତ ନିଷ୍କାସନ ବ୍ୟବସ୍ଥା ନିଶ୍ଚିତ କରନ୍ତୁ।
- ଧାନ ଶିଷା ଖାଉଥିବା ପୋକ (earhead caterpillar) ର ନିୟନ୍ତ୍ରଣ ପାଇଁ, ଚାଷୀମାନଙ୍କୁ ନିୟମିତ ଭାବେ ଫସଲ ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି। ଯଦି ପୋକର ପ୍ରାଦୁର୍ଭାବ କ୍ଷତିକାରକ ସୀମା (economic threshold level) ଅତିକ୍ରମ କରେ, ତେବେ ପାଗ ସଫା ଥିବା ସମୟରେ ସ୍ଥାନୀୟ ସ୍ତରରେ ସୁପାରିଶ କରାଯାଇଥିବା ଉପାୟ ଅବଲମ୍ବନ କରି ଏହାର ନିୟନ୍ତ୍ରଣ କରନ୍ତୁ। ଏହି ପୋକ ରାତିରେ ସକ୍ରିୟ ହେଉଥିବାରୁ, କୀଟନାଶକ ସିଞ୍ଚନ ସନ୍ଧ୍ୟା ସମୟରେ କଲେ ଅଧିକ ଫଳପ୍ରଦ ହୋଇଥାଏ। କୀଟନାଶକର ମାତ୍ରା, ସୁରକ୍ଷା ସତର୍କତା ଏବଂ ଅମଳ ପୂର୍ବରୁ ପାଳନୀୟ ସମୟ ବ୍ୟବଧାନ (pre-harvest interval) ସମ୍ବନ୍ଧରେ ଔଷଧ ପ୍ୟାକେଟ୍ ଉପରେ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରନ୍ତୁ।
- ଯେତେବେଳେ ଧାନ ଶିଷାର ପ୍ରାୟ ୮୫% ପାଚିଯାଇ ଫିକା ହଳଦିଆ ରଙ୍ଗ ଧାରଣ କରେ, ସେତେବେଳେ ଧାନ ଅମଳ କରନ୍ତୁ। ଧାନ ଅମଳ ହେବାପରେ; ଧାନକୁ କେଣ୍ଡାରୁ ଅଲଗା କରି ଖରାରେ ଶୁଖାନ୍ତୁ। ଖାଇବା ପାଇଁ ଧାନରେ ଆର୍ଦ୍ରତା (moisture) ୧୪% ଏବଂ ବିହନ ପାଇଁ ୧୨% ରହିବା ଆବଶ୍ୟକ। ଏହା ଦ୍ୱାରା ଧାନ ସୁରକ୍ଷିତ ଭାବେ ଗଚ୍ଛିତ ରହିପାରିବ ଏବଂ ବିହନର ଗଜା ହେବା କ୍ଷମତା (viability) ବଜାୟ ରହିବ।

ଡାଲି ଜାତୀୟ ଫସଲ:

- ବିରି ଓ ମୁଗ ଚାଷ ପାଇଁ ବିହନ ବୁଣିବା ପୂର୍ବରୁ ପରାମର୍ଶ: ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ବିରି ପାଇଁ T-9, PU-11, PU-19 ଓ PU-30 ଏବଂ ମୁଗ ପାଇଁ K-851, PDM-11, PDM-54 ଓ OUM-115 ଭଳି ଅଧିକ ଅମଳକ୍ଷମ କିସମଗୁଡ଼ିକୁ ଚୟନ କରନ୍ତୁ। ଏକ ଏକର ଜମି ପାଇଁ ୧୦ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ। ବିହନ ବୁଣିବା ପୂର୍ବରୁ, ଚେରରେ ଫଳପ୍ରଦ ଭାବରେ ଗଣ୍ଠି (nodules) ସୃଷ୍ଟି କରିବା ଏବଂ ଜୈବିକ ନାଇଟ୍ରୋଜେନ୍ ସ୍ଥାପନ ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ବିହନଗୁଡ଼ିକୁ ସୁପାରିଶ କରାଯାଇଥିବା 'ରାଇଜୋବିୟମ୍ କଲଚର୍' (Rhizobium culture) ଦ୍ୱାରା ଉପଚାରିତ କରନ୍ତୁ।

ଭେଣ୍ଡି:

- ଶୁଷ୍କ ସମୟରେ ଅତିରିକ୍ତ ଜଳସେଚନ ଭାବରେ, ମଳାରେ (furrow) ୫୦-୬୦ ମିଲିମିଟର ପାଣି ଦିଅନ୍ତୁ।
- ଡ୍ରିପ୍ (ବୁନ୍ଦା) ଜଳସେଚନ ମାଧ୍ୟମରେ, ଶୁଷ୍କ ସମୟରେ ପ୍ରତିଦିନ ୩ ମିଲିମିଟର ପାଣି ପ୍ରୟୋଗ କରନ୍ତୁ।
- ଭେଣ୍ଡି ଚାଷ କ୍ଷେତର, ଖାଲ ସ୍ଥାନରୁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ରହିବା ଆବଶ୍ୟକ।
- ମାହୁଣି ପୋକ (aphids), ଜାସିଡ୍ (jassids), ଥ୍ରିପ୍ସ (thrips) ଏବଂ ଧଳା ମାଛି (whiteflies) ନିୟନ୍ତ୍ରଣ ପାଇଁ, ନିମ୍ନଭିତ୍ତିକ କୀଟନାଶକ (୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍ ଥିବା ନିମ୍ ତେଲ) ୬୦୦ ମିଲିଲିଟରକୁ ୨୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ, କିମ୍ବା ପ୍ରତି ଏକର ଜମିରେ ୮-୧୦ଟି ହଳଦିଆ ଅଠାଳିଆ ଷ୍ଟିକର (yellow sticky traps) ଲଗାନ୍ତୁ। ଯଦି ପୋକଙ୍କ ଉପଦ୍ରବ ଅତ୍ୟଧିକ ହୁଏ, ତେବେ ପାଗ ସଫା ଥିବା ସମୟରେ ୨୦୦ ଲିଟର ପାଣିରେ ନିମ୍ନଲିଖିତ କୀଟନାଶକଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏକୁ ମିଶାଇ ସ୍ପ୍ରେ କରନ୍ତୁ: ଥାୟାମେଥୋକ୍ସାମ୍ (Thiamethoxam) ୨୫% WG - ୪୦ ଗ୍ରାମ/ଏକର,

ଆସେଟାମିପ୍ରିଡ୍ (Acetamiprid) ୨୦% SP - ୫୦ ଗ୍ରାମ/ଏକର, ଫେନୋବୁକାର୍ବ (Fenobucarb) - ୪୦୦ ମିଲିଲିଟର/ଏକର କିମ୍ବା ଟୋଲଫେନପାଇରାଡ୍ (Tolfenpyrad) ୧୫% EC - ୪୦୦ ମିଲିଲିଟର/ଏକର।

ବାଇଗଣ:

- ଶୁଷ୍କ ସମୟରେ ଅତିରିକ୍ତ ଜଳସେଚନ ଭାବରେ ମଳାରେ (furrow) ୫୦-୬୦ ମିମି ପାଣି ପ୍ରୟୋଗ କରନ୍ତୁ।
- ବୁନ୍ଦା ଜଳସେଚନ ମାଧ୍ୟମରେ, ଶୁଷ୍କ ସମୟରେ ପ୍ରତିଦିନ ୩ ମିମି ପାଣି ପ୍ରୟୋଗ କରନ୍ତୁ।
- ବାଇଗଣ କ୍ଷେତରେ ଖାଲ ସ୍ଥାନରୁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ରହିବା ଆବଶ୍ୟକ।
- ମଉଳା (wilt) ଏବଂ ଚେର ପଚା ରୋଗକୁ ନିୟନ୍ତ୍ରଣ କରିବା ପାଇଁ, ୧୦ ଲିଟର ପାଣିରେ ୧୦ ଗ୍ରାମ 'ପ୍ଲାଣ୍ଟୋମାଇସିନ୍' (Plantomycin) ଏବଂ ୨୦ ଗ୍ରାମ 'ମେଟାଲାକ୍ସିଲ୍ ୮% + ମାନକୋଜେବ୍ ୬୪% ଡବ୍ଲୁପି' (Metalaxyl 8% + Mancozeb 64% WP), କିମ୍ବା ୧୦ ମିଲି 'ଟେବୁକୋନାଜୋଲ୍' (Tebuconazole) ମିଶାଇ ଗଛର ଚେର ଅଞ୍ଚଳରେ ଭଲ ଭାବରେ ପ୍ରୟୋଗ କରନ୍ତୁ (ଭିଜାଇବା ଭଳି)।

ଆଖୁ:

- ଶୁଷ୍କ ସମୟରେ 'ଫରୋ' (furrow) ବା ନାଳ ପଦ୍ଧତି ମାଧ୍ୟମରେ ୫୦-୬୦ ମିଲିମିଟର ପାଣି ପ୍ରୟୋଗ କରାଯାଇପାରିବ।
- ବୁନ୍ଦା ଜଳସେଚନ ମାଧ୍ୟମରେ ଶୁଷ୍କ ସମୟରେ ଦୈନିକ ୪ ମିଲିମିଟର ପାଣି ପ୍ରୟୋଗ କରାଯାଇପାରିବ।
- ଆଖୁ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ରହିବା ଆବଶ୍ୟକ।
- 'ରେଡ୍ ରଟ୍' (ଲାଲ୍ ପଚା) ରୋଗର ପରିଚାଳନା ପାଇଁ, ବର୍ଷା କମିଗଲା ପରେ, ୨୦୦ ଲିଟର ପାଣିରେ ୪୦୦ ଗ୍ରାମ 'କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁପି' (Carbendazim 12% + Mancozeb 63% WP) କିମ୍ବା ୪୦୦ ଗ୍ରାମ 'ମେଟାଲାକ୍ସିଲ୍ ୮% + ମାନକୋଜେବ୍ ୬୪% ଡବ୍ଲୁପି' (Metalaxyl 8% + Mancozeb 64% WP) ମିଶାଇ ପ୍ରତି ଏକର ଜମିରେ ସ୍ପ୍ରେ କରନ୍ତୁ।

****